# Akashvani, Sambalpur

## SAMBALPURI NEWS EVENING BULLETIN

## 24 July 2024- 7.02 pm- 7.12 pm.

*********************************************

୧- ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ବାହାର୍ଲା ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୩-୨୪ ।

- ଓଡ଼ିଶାର୍ ଅର୍ଥନୀତି ୮ ଦଶ୍ମିକ୍ ୫ ପ୍ରତିଶତ୍ ବଢ଼୍ବା ବଲି ସର୍କାର୍ଙ୍କର୍ ଆକଳନ୍ ।

୨- ବିଧାନ୍ସଭାର୍ ଉପବାଚସ୍ପତି ହେଲେ ତଲ୍ସରା ବିଧାୟକ୍ ଭବାନୀ ଶଙ୍କର୍ ଭୋଇ ।

୩- ରେଲ୍ବଜେଟ୍ଥି ଓଡ଼ିଶାକେ ମିଲିଛେ ୧୦ ହଜାର୍ ୫ ଶହ ୮୬ କୋଟି ଟଙ୍କା- କହେଲେ ରେଲ୍ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ।

୪- ପୁରୀ ଶ୍ରୀମନ୍ଦିର୍ ନ ଚାଲିଛେ ଶ୍ରୀଜୀଉଙ୍କର୍ ବନକଲାଗି ନୀତି ।

ଆଉର୍

୫- ମୌସୁମୀ ସକ୍ରିୟ ଥିବାର୍ନୁ ରାଏଜେ ଲାଗି ରହିଛେ ବର୍ଷା ।

- ପଶ୍ଚିମ ଓଡ଼ିଶାର୍ ବଡ଼ଭାଗୀ ଜିଲ୍ଲା ନ ଆଏବା କାଏଲ୍ ହେଇପାରେ ଜବର୍ ବର୍ଷା ।

ମୋଟ୍ ଖଣିଜ ଉତ୍ପାଦନ୍‌ଥି ରାଜ୍ୟର୍ ୪୧ ଦଶ୍‌ମିକ୍ ୯ ପ୍ରତିଶତ୍ ଅବଦାନ୍ ରହିଛେ ।

୨୦୨୨-୨୩ ଆର୍ଥିକ୍ ବଛ୍‌ରେ ରାଜ୍ୟର୍ ଖଣିଜ ରାଜସ୍ୱ ୩୮ ହଜାର୍ ୭୫ କୋଟି ଟଙ୍କାଥି ପହଁଚିଛେ । ରିପୋର୍ଟ ଅନ୍‌ସାରେ ଓଡ଼ିଶା ଦେଶର୍ ୫ ନମ୍ବର୍ ବଡ଼ ସଡ଼କ୍ ନେଟ୍‌ୱାର୍କ ହେଇଛେ । ହେଲେ ଦୁର୍ଗମ୍ ଇଲାକାକେ ସଡ଼କ୍ ଯୋଗାଯୋଗ୍‌ଥି ଉନ୍ନତି ଆନ୍‌ବାର୍ ଦର୍‌କାର୍ ଅଛେ । ସେନ୍ତା ବିଦ୍ୟାଲୟସ୍ତର୍‌ଥି ମୋଟ୍ ନାଁଲେଖା ଅନୁପାତ ସର୍ବଭାରତୀୟ ହାର ନୁ କମ୍ ରହିଛେ । ମହିଳା ସାକ୍ଷରତା କ୍ଷେତ୍ରଥି ଅଗ୍ରଗତି ହେଇଛେ । ୨୦୨୨-୨୩ ଆର୍ଥିକ ବଛ୍‌ରେ ସାକ୍ଷରତା ହାର ବଢ଼ିକରି ୭୩ ଦଶ୍‌ମିକ୍ ୬ ପ୍ରତିଶତ୍‌କେ ପହଁଚିଛେ ବଲି ରିପୋର୍ଟଥି ଦର୍ଶାଯାଇଛେ ।

ବିଧାନ୍‌ସଭା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ବିଧାନ୍‌ସଭାର୍ ଆଏଜ୍ ୩ ନମ୍ବର୍ ଦିନେ ବିରୋଧୀ ସଦସ୍ୟମାନ୍‌କର୍ କିର୍ଲାଗଗା ଲାଗି ଗୃହର୍ ପ୍ରଶ୍ନକାଳ ଆର୍ ଶୂନ୍ୟକାଳ ନାଇଁ ଚାଲିପାରି । ୩ ଟା ଖେପେ ବାଚସ୍ପତି ସୁରମା ପାଢ଼ୀ ଉପର୍‌ବେଲା ୪ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ଇତାର୍‌ଉତ୍‌ରୁ ଏଛେନ୍ ଗୃହ ନ ରାଜ୍ୟପାଲ୍‌ଙ୍କର୍ ଅଭିଭାଷଣ୍ କେ ନେଇକରି

ଧନ୍ୟବାଦ୍ ପ୍ରସ୍ତାବ୍ ଉପ୍ରେ ଆଲୋଚନା ଚାଲିଥିବାର୍ ଆମର୍ ସମ୍ବାଦଦାତା ଜନେଇଛନ୍ ।

ବିଧାନ୍‌ସଭାର୍ ଉପବାଚସ୍ପତି ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭାର୍ ଉପବାଚସ୍ପତି ଭାବେ ତଲ୍‌ସରା ବିଧାୟକ୍ ଭବାନୀ ଶଙ୍କର୍ ଭୋଇ ସମ୍‌କର୍ ସହମତିଥି ନିର୍ବାଚିତ୍ ହେଇଛନ୍ । ଇ ବାବ୍‌ଦେ ବାଚସ୍ପତି ସୁରମା ପାଢ଼ୀ ଆଏଜ୍ ତାଙ୍କର୍ ନାଁ ଗୃହ ନ ଘୋଷ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ- ଶ୍ରୀ ଭୋଇଙ୍କୁ ସମ୍‌କର୍ ସହମତି ଥି ଉପବାଚସ୍ପତି କର୍‌ବାର୍‌କେ ଗୃହ ନ ପ୍ରସ୍ତାବ୍ ଦେଇଥିଲେ । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ତାଙ୍କୁ ସମର୍ଥନ୍ ଜନେଇଥିଲେ । ଇତାର୍‌ଉତ୍‌ରୁ ବିରୋଧୀ ଦଲ୍ ନେତା ନବୀନ୍ ପଟ୍ଟନାୟକ୍, କଂଗ୍ରେସ୍ ବିଧାୟକ୍ ଦଲ୍ ନେତା ରାମଚନ୍ଦ୍ର କାଡ଼ାମ ତାଙ୍କୁ ସମର୍ଥନ୍ ଜନାବାର୍ ସହେତେ ଶୁଭେଚ୍ଛା ଜନେଇଥିଲେ । ଉପବାଚସ୍ପତି ଭାବେ ନିର୍ବାଚିତ୍ ହେବାର୍ ଉତ୍‌ରୁ ଶ୍ରୀ ଭୋଇ ଗୃହର୍ ମର୍ଯ୍ୟାଦା ରକ୍ଷା କର୍‌ବାର୍‌ଥି ସଭେ ଯତ୍ନବାନ୍ ହେବାର୍ ଉଚିତ୍ ବଲି କହିଛନ୍ ।

ରେଲ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ରେଲ୍ ବଜେଟ୍‌ଥି ଓଡ଼ିଶା ଲାଗି ୧୦ ହଜାର୍ ୫ ଶହ ୮୬ କୋଟି ଟଙ୍କାର୍ ଅନୁଦାନ୍ ଦିଆଯାଇଛେ ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଇତାର୍‌ସଙ୍ଗେ ୫୯ ଟା ରେଲ୍‌ଷ୍ଟେସନ୍‌କେ ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନାଥି ସାମିଲ୍ କରାଯାଇଛେ । ସେ କହିଛନ୍ ଯେ, ଆଘର୍ ସର୍‌କାର୍ ସମିଆଥି ଓଡ଼ିଶାକେ ୮ ଶହ ୩୮ କୋଟି ଟଙ୍କା ମିଲୁଥିଲା । ହେଲେ ଏଛେନ୍ ଓଡ଼ିଶାକେ ଆଘର୍‌ନୁ ୧୨ ଗୁନ୍ ଅଏତ୍‌କା ଅନୁଦାନ୍ ମିଲୁଛେ । ଓଡ଼ିଶା ନ ଏଛେନ୍ ୪୦ ଟା ଭିନ୍ ଭିନ୍ ରେଲ୍‌ପ୍ରକଳ୍ପ କାମ୍ ଜାରି ରହିଛେ । ଗଲା ୧୦ ବଛର୍ ଭିତ୍‌ରେ ୪ ଶହ ୨୭ ଟା ଫ୍ଲାଏ ଓଭର୍ ଆର୍ ଅଣ୍ଡର୍‌ପାସ୍ ତିଆର୍ ହେଇଛେ । ଇତାର୍‌ସଙ୍ଗେ ଓଡ଼ିଶା ନ ଶହେ ପ୍ରତିଶତ୍ ବିଦ୍ୟୁତିକରଣ୍ ହେଇଛେ ବଲି ରେଲ୍‌ମନ୍ତ୍ରୀ ଆଏଜ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ ।
(ଭଏସ୍ ଓଭର୍- ରେଲ୍‌ମନ୍ତ୍ରୀ)

କେବିନେଟ୍ ବୈଠକ୍ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ରାତି ସାଢ଼େ ୮ ବଜେ ରାଜ୍ୟ କେବିନେଟ୍‌ର ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେବା । ବିଧାନ୍‌ସଭା ନ ଆଏବା କାଏଲ୍ ବଜେଟ୍ ଉପସ୍ଥାପନ୍ ହେବାର୍ ଆଘୋନୁ ଇ କେବିନେଟ୍ ବୈଠକ୍

ଗୁରୁତ୍ୱପୂର୍ଣ୍ଣ ବଲି କୁହାଯାଉଛେ । ଇଥି ୪ ନୁ ୫ ଟା ବିଷେ ଉପ୍‌ରେ ନିଷ୍ପତି ନିଆଯିବା ବଲି ସୂଚ୍‌ନା ମିଲିଛେ ।

ବନକଲାଗି ନୀତି ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁଙ୍କର୍ ବନକଲାଗି ନୀତି ଚାଲିଛେ । ଦ୍ୱିତୀୟ ଭୋଗ ମଣ୍ଡପ୍ ଉତ୍‌ରୁ ଇ ନୀତି ମୁଲ୍ ହେଇଛେ । ନୀତି ସମିଆଥି ମାହାପୁରୁଙ୍କର୍ ଦର୍ଶନ୍ ଉପ୍‌ରେ କଟ୍‌କନା ରହିଛେ । ଇଥିର୍‌ଲାଗି ବେଲ୍‌ବୁଡ଼ର୍ ୬ ବଜେନୁ ରାତି ୧୦ ବଜେତକ୍ ସାଧାରଣ୍ ଲୋକ୍ ମାହାପୁରୁଙ୍କର୍ ଦର୍ଶନ୍ ନାଇଁ କରିପାରନ୍ । ଇ ବାବ୍‌ଦେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଆର୍‌ଏନ୍‌ୟୁ/ କଟକ୍

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ଗଣତି-ମଣତି ନେଇକରି ରତ୍ନଭଣ୍ଡାର୍ ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଆଏଜ୍ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ରତ୍ନଭଣ୍ଡାର୍ ଗଣତି-ମଣତି କର୍‌ବାର୍ ଲାଗି ମାର୍ଗଦର୍ଶିକା ବନା ସରିଛେ । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ ସଂସ୍ଥା ଏ.ଏସ୍.ଆଇ.

ରତ୍ନଭଣ୍ଡାର୍ ମରାମତି କରିକରି ପ୍ରମାଣପତ୍ର ଦେବାର୍ ଉତ୍ରୁ ଗଣତି-ମଣତି ହେବା ବଲି ସେ କହିଛନ୍ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ବାସୀଙ୍କୁ ସମ୍ବୋଧନ୍ କର୍ବେ । ଇଟା ତାଙ୍କର୍ ଶହେ ୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍ଥି ପ୍ରଧାନ୍ମନ୍ତ୍ରୀ ଲୁକ୍କର୍ ଠାନୁ ଆଏବା ୨୬ ତାରିଖ୍ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍ଓ ଅଫିସ୍ର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଶୁନାଯାଇପାର୍ବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ଭାରତୀୟ ମଜ୍‌ଦୂର୍ ସଂଘ-ଥାପ୍‌ନା ଦିବସ୍

ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ପାଖ ଅଗ୍ରସେନ ଭବନ୍ ଠାନେ ଭାରତୀୟ ମଜ୍‌ଦୂର୍ ସଂଘର୍ ୭୦ ନମ୍ବର୍ ଥାପ୍‌ନା ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ସଭାପତି ପ୍ରଦୀପ୍ କୁମାର୍ ଦଣ୍ଡସେନା ଇ କାର୍ଯ୍ୟକ୍ରମ୍‌ଥି ଅଧକ୍ଷତା କରିକରି କହିଛନ୍ ଯେ, ମଜ୍‌ଦୁର୍ ସଂଘର୍ ଅଧିକାର୍ ଆର୍ ନ୍ୟାୟ ଲାଗି ଲଢ଼େଇ କର୍‌ବାର୍ ଲାଗି ଚେଷ୍ଟା ଜାରି ରହେବା ।

ତାଲିମ୍ କାର୍ଯ୍ୟକ୍ରମ ସମ୍ବଲପୁର୍ ସମ୍ବାଦଦାତା

କର୍ମକ୍ଷେତ୍ର ନ ମହିଳାମାନ୍‌କର୍ ଉପ୍‌ରେ ନିର୍ଯ୍ୟାତନା ବିଷେଥି ଆଏଜ୍ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଗୁଟେ ଦିନ୍‌କିଆ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ତାଲିମ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ରେ ଦୁଷ୍ମନ୍ତ ବେହେରା ଆର୍ ଆଇନ୍‌ଜୀବୀ ପୁଷ୍ପାରାଣୀ ମହାପାତ୍ର ବକ୍ତାଭାବେ ଯୋଗ୍ ଦେଇଥିଲେ ।

ସ୍ୱାଧୀନତା ଦିବସ୍ ପାଲନ-ପ୍ରସ୍ତୁତି ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ୭୮ ନମ୍ବର୍ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ପାଲନ୍ ଲାଗି ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଲ୍ଙ୍କର୍ ସଦ୍‌ଭାବନା ଗୃହ ଠାନେ ହେଇଯାଇଛେ । ବୈଠକ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର୍ ସିଂ ସ୍ୱାଧୀନତା ଦିବସ୍ ଉତ୍ସବ୍‌ର କାର୍ଯ୍ୟକ୍ରମ୍ ବାବ୍‌ଦେ ଉପସ୍ଥିତ୍ ଅଧିକାରୀମାନ୍‌କୁ ସୂଚ୍‌ନା ଦେଇଥିଲେ ।

କିଚେନ୍ ଗାର୍ଡ଼େନ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର ପାଲ୍‌ଝାର୍ ପାଖର୍ ରାଷ୍ଟ୍ରୀୟ ଉଦ୍ୟାନ୍ କୃଷି ଗବେଷଣା ଆଉ ଉନ୍ନୟନ୍ ପ୍ରତିଷ୍ଠାନ୍ ଠାନେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ କିଚେନ୍ ଗାର୍ଡ଼େନ୍ ବାବ୍‌ଦେ ଗୁଟେ କର୍ମଶାଳା ଆଏଜ୍ ହେଇଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ୨୫ ଟା ଉଚ୍ଚବିଦ୍ୟାଳୟ ଆର୍ ୨୫ ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର୍ ପ୍ରଧାନ୍ ଶିକ୍ଷକ୍ ମାନେ ଯୋଗ୍ ଦେଇଥିଲେ । ସ୍କୁଲ୍ ମାନ୍‌କେ କିଚେନ୍ ଗାର୍ଡ଼େନ୍ ଥାପ୍‌ନା ଲାଗି ଥିବା ସର୍‌କାରୀ ଯୋଜ୍‌ନା ଆର୍ କୌଶଲ୍ ବାବ୍‌ଦେ ଟ୍ରେନିଂ ଦିଆଯାଇଥିଲା । ରାଷ୍ଟ୍ରୀୟ ଉଦ୍ୟାନ୍ କୃଷି ଗବେଷଣା ଆଉ ଉନ୍ନୟନ୍ ପ୍ରତିଷ୍ଠାନ୍‌ର ସହକାରୀ ନିର୍ଦ୍ଦେଶକ ଡକ୍ଟର୍ ଅରୁଣ୍ କୁମାର୍ ପାଣ୍ଡେ ଆର୍

ଅଲ୍‌ଗା କୃଷି ବିଜ୍ଞାନୀମାନେ କିଚେନ୍ ଗାର୍ଡେନ୍ ଥାପ୍‌ନା ବାବ୍‌ଦେ ତାଲିମ୍ ଦେଇଥିଲେ ।

ପାଣିପାଗ ବର୍‌ଗଡ଼୍/ବୌଦ୍ଧ ସମ୍ବାଦଦାତା/ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହିଥିବାର୍‌ନୁ ବର୍ଷା ଜାରି ରହିଛେ । ଆଏଜ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବଲାଙ୍ଗିର୍, ସୋନ୍‌ପୁର୍, ବର୍‌ଗଡ଼୍ ସହେତେ ବାକି ଜିଲ୍ଲାମାନ୍‌କେ ବର୍ଷା ହେଇଛେ । ବର୍‌ଗଡ଼୍ ଜିଲ୍ଲା ନ ଆଏଜ୍ ମୋଟ୍ ୮ ଶହ ମିଲିମିଟର୍ ବର୍ଷା ରେକର୍ଡ଼ ହେଇଛେ । ବର୍ଷା ଲାଗି ଜିଲ୍ଲାର୍ ଖାଲ୍ ଇଲାକାମାନ୍‌କେ ପାଏନ୍ ଜମିଛେ । ସେନ୍ତା ପାଇକ୍‌ମାଲ୍‌ନୁ ଝାର୍‌ବନ୍ଧ୍ ଯାଇଥିବା ରାସ୍ତାର୍ ସନ୍‌ଦାଦର୍, ଅମ୍‌ଠି ଆର୍ ବୈତାଲି ଠାନେ ବ୍ରିଜ୍ ଉପ୍‌ରେ ପାଏନ୍ ବହେବାର୍‌ନୁ ଗାଡ଼ିମଟର୍ ଚଲାଚଲ୍‌ଥି ବାଧା ହେଇଛେ ।

ବୌଦ୍ଧ ଜିଲ୍ଲା ନ ଗଲା ୩ ଦିନ୍ ହେଲା ଲଗାତାର୍ ବର୍ଷା ହେବାର୍‌ନୁ ଲୁକ୍‌କର୍ ଘର୍‌ମାନ୍‌କେ ପାଏନ୍ ପଶି ଯାଇଛେ । ସହରର୍ ଖଦାଲସାହି, ହରିଜନ୍‌ସାହି ଆର୍ ଅଲ୍‌ଗା ଇଲାକାମାନ୍‌କେ ଭିଲ୍ ବର୍ଷା ପାଏନ୍ ଜମିକରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଇଛେ ।

ସେଆଡ଼େ ଆଏବା କାଏଲ୍ କଲାହାଣ୍ଡି, ବଲାଙ୍ଗିର୍, ବୌଦ୍ଧ, ସୁବର୍ଣ୍ଣପୁର୍, ସମ୍ବଲପୁର୍, ବର୍‌ଗଡ୍, ଦେବ୍‌ଗଡ୍, ଝାର୍‌ସୁଗୁଡ଼ା ସହେତେ ରାଜ୍ୟର୍ ୧୩ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର, ଭୁବ୍‌ନେଶ୍ୱର୍ ତର୍‌ଫୁ ସୂଚ୍‌ନା ମିଲିଛେ ।